କ୍ରେଡିଟ୍ କାର୍ଡ ସମ୍ବନ୍ଧରେ ମହତ୍ୱପୂର୍ଣ୍ଣ ବିବରଣୀ

1. କ୍ରେଡିଟ୍ କାର୍ଡ ବିଲ୍ ପେମେଣ୍ଟ : କ୍ରେଡିଟ୍ କାର୍ଡ ବିଲ୍'ର ପେମେଣ୍ଟ ଚେକ୍, ଡ୍ରାଫ୍ଟ ବା ନଗଦରେ ଏସ୍‌ସିବି ଏଟିଏମ୍ କିମ୍ବା ଶାଖାରେ ଅଥବା ଇସିଏସ୍ (ଇଲେକ୍‌ଟ୍ରନିକ୍ କ୍ଲିଅରିଙ୍ଗ ସର୍ଭିସ୍) ଜରିଆରେ କରାଯାଇପାରେ । ଆପଣଙ୍କ ଚେକ୍ ବା ଡ୍ରାଫ୍ଟ 'ଏସ୍‌ସିବି ଏକାଉଣ୍ଟ ନମ୍ବର **XXXX XXXX XXXX XXXX**' (ଆପଣଙ୍କ 16 ଅଙ୍କିଆ ଏସ୍‌ସିବି କାର୍ଡ ନମ୍ବର) ନାମରେ ତିଆରି କରାଯିବା ଉଚିତ । ଆପଣଙ୍କ ଚେକ୍ / ଡ୍ରାଫ୍ଟ ସବୁ ଦୃଷ୍ଟିରୁ ପୂରଣ ହୋଇଥିବା ଉଚିତ ଏବଂ କୌଣସି ପରିବର୍ତ୍ତନ କରାଯାଇଥିଲେ ସେଠାରେ ଉପଯୁକ୍ତ ଦସ୍ତଖତ କରାଯାଇଥିବ । ଆପଣଙ୍କ ପେମେଣ୍ଟ, ଡ୍ୟୁ ଡେଟ୍'ର ଅତି କମରେ 3 ଦିନ ଆଗରୁ ଚେକ୍ କଲେକ୍ସନ୍ ବକ୍ସରେ ପଇଠ କରାଯିବା ଉଚିତ । ଅବଶ୍ୟ, ବାସ୍ତବିକ ପେମେଣ୍ଟ ଡ୍ୟୁ ଡେଟ୍ ଚେକ୍ ଉପରେ ଥିଲେ ଚଳିବ । ଏହା ଫଳରେ ଆପଣଙ୍କ କାର୍ଡ ଏକାଉଣ୍ଟରେ ନିଧି ସମୟୋଚିତ ଭାବରେ କ୍ରେଡିଟ୍ ହେବାରେ ସାହାଯ୍ୟ ମିଳିବ । ପେମେଣ୍ଟ ଡ୍ୟୁ ଡେଟ୍‌ରେ ବ୍ୟାଙ୍କକୁ ପେମେଣ୍ଟ ନମିଳିବା ସ୍ଥିତିରେ, ଲେଟ୍ ପେମେଣ୍ଟ ଚାର୍ଜ ଲଗାଇବାର ଅଧିକାର ବ୍ୟାଙ୍କ ରଖୁଛି । ଓଭର୍‌ଡ୍ୟୁ ଏକାଉଣ୍ଟ ସକାଶେ, କେବଳ ଚେକ୍ କ୍ଲିଅର୍ ହେବା ପରେ ହିଁ ପେମେଣ୍ଟ କ୍ରେଡିଟ୍ କରାଯିବ । ଟ20,000/- ରୁ ଅଧିକର ପେମେଣ୍ଟ ପାଇଁ ଚେକ୍ କ୍ଲିଅର୍ ହେବା ପରେ ହିଁ ଲିମିଟ୍ ରିଲୀଜ୍ କରାଯିବ । ନର୍ମାଲ୍ ବ୍ୟାଙ୍କିଙ୍ଗ କାର୍ଯ୍ୟକାଳରେ ବ୍ୟାଙ୍କ ଶାଖାରେ ନଗଦ ଜମା କରାଯାଇପାରିବ । ଚେକ୍ କଲେକ୍ସନ୍ ବକ୍ସରେ ନଗଦ ଜମା କରିବେ ନାହିଁ ।

2. ସୁଧ ଲାଗୁ ହେବା : (ଜାଣି ରଖନ୍ତୁ ଯେ, ମାସିକ ପେମେଣ୍ଟ ପ୍ରଥମେ ପୁରୁଣା ଋଣ ସୁଝିବା ପାଇଁ ଲାଗୁ ହେବ)

| पर्याय | व्याज कशाप्रकारे आकारले जाईल? | |
|---|---|---|
| 1. जर थकबाकीची पूर्ण रक्कम दर महिन्यास देय तारखेपूर्वी भरण्यात आली. | कोणतेही व्याज आकारले जाणार नाही*. | |
| 2. जर थकबाकीच्या रकमेपैकी अंशतः रक्कम दर महिन्याचा देय तारखेपूर्वी भरण्यात आली. | वर्तमान विवरणामध्ये (स्टेटमेंट) व्यवहाराच्या तारखेपासून विवरणाच्या तारखेपर्यंत करण्यात आलेल्या सर्व आर्थिक व्यवहार व्याज आकारले जाईल.<br><br>पूर्वीच्या विवरणामधील शेवटच्या शिल्लक रकमेवर विवरणाच्या तारखेनंतरच्या 1ल्या दिवसापासून प्रत्यक्ष पैसे भरण्याच्या एक दिवस आधीपर्यंतच्या काळीसाठी वर्तमान विवरणामध्ये व्याज लागू होईल. पैसे भरल्यानंतरचा शिल्लक रकमेवर पैसे भरण्याच्या तारखेपासून विवरणाच्या तारखेपर्यंत व्याज लागू होईल. | पूर्वीच्या स्टेटमेंटची तारीख : 1 ऑगस्ट, स्टेटमेंटमधील थकबाकी रु. 10,000-/ पेमेंटची देय तारीख : 18 ऑगस्ट. 15 ऑगस्ट रोजी करण्यात आलेला आर्थिक व्यवहार रु. 3,000/- पेमेंट : 18 ऑगस्ट रोजी रु. 8,000 मिळाले. चालू स्टेटमेंटची तारीख :1 सप्टेंबर, ह्या बाबतीत रु. 10,000/- रकमेवर 2 ऑगस्ट ते 17 ऑगस्ट ह्या काळासाठी व्याज आकारले जाईल आणि रु. 2,000/- ह्या भरणा न केलेल्या थकबाकीवर 18 ऑगस्टपासून 1 सप्टेंबरपर्यंत व्याज लागू होईल.<br>ह्या खेरीज रु. 3,000/- वर 15 ऑगस्ट ते 1 सप्टेंबरसाठी व्याज आकारले जाईल. |
| 3. जर तुम्ही नेहमी अंशिक भरणा करीत असाल परंतु चालू महिन्यामध्ये तुम्ही देय तारखेपूर्वी संपूर्ण थकबाकीच्या रकमेचा पूर्ण भरणा केला. | तुमच्या पूर्वीच्या स्टेटमेंटमधील अखेरच्या शिल्लक रकमेवर पैसे भरण्याच्या तारखेपर्यंत व्याज आकारले जाईल. | आधीच्या स्टेटमेंटची तारीख - 1 ऑगस्ट, अखेरची शिल्लक रु. 10,000/-. वर्तमान स्टेटमेंटची तारीख: 1 सप्टेंबर. देय तारीख - 18 ऑगस्ट. भरणा - 15 ऑगस्ट रोजी रु. 10,000/- रु. 10,000/- ह्या रकमेवर 2 ऑगस्ट ते 14 ऑगस्ट पर्यंत (31 दिवस असणाऱ्या ऑगस्ट महिन्यातील 13 दिवसांसाठी) व्याज लागू होईल.^ |

* ନଗଦ ଟ୍ରାଞ୍ଜାକ୍ସନ୍ ଅନ୍ତର୍ଭୁକ୍ତ ନୁହେଁ ^ ଏହି କ୍ଷେତ୍ରରେ ଡେବିଟ୍ କରାଯିବା ସୁଧ ହେବ = 10,000/- x 3.1% x 13/31 = ଟ 130.00

3. ଆନୁଆଲାଇଜ୍ଡ ପର୍ସେଣ୍ଟେଜ୍ ରେଟ୍ : ଏହି ଏପିଆର୍ ପାଇବା ପାଇଁ ମାସିକ ସୁଧ ହାରକୁ ବାର୍ଷିକୀକୃତ କରାଯାଇଥାଏ । ମାସିକ ସୁଧ ହାର ହେଉଛି 3.1% ବାର୍ଷିକ, ଯାହା ନଗଦ ଓ ରିଟେଲ୍ ଟ୍ରାଞ୍ଜାକ୍ସନ୍ ଉପରେ ଲାଗୁ ହୋଇଥାଏ ଏବଂ 37.20% ର ଏପିଆର୍ ପାଇବା ପାଇଁ ବାର୍ଷିକୀକୃତ କରାଯାଇଥାଏ । ଏହି ସୁଧ ହାର ବରିବର୍ତ୍ତନୀୟ ଅଟେ ଏବଂ ରିଟେଲ୍ ଓ ନଗଦ ଟ୍ରାଞ୍ଜାକ୍ସନ୍ ପାଇଁ 2.49% ମାସିକ (ଏପିଆର୍ 29.88%) ଓ 3.40% ମାସିକ (ଏପିଆର୍ 40.80%) ମଧ୍ୟରେ ବଦଳିବ । ଆପଣଙ୍କ ପ୍ରତି ଲାଗୁହେବା ସୁଧ ହାର ଯେବେବି ପରିବର୍ତ୍ତନ କରାଯିବ, ତାହା ଆପଣଙ୍କ ଷ୍ଟେଟ୍‌ମେଣ୍ଟରେ ଆପଣଙ୍କୁ ବତାଯିବ । ଆପଣଙ୍କ କାର୍ଡ ୟୁସେଜ୍ ଓ ରି-ପେମେଣ୍ଟ ଢଙ୍ଗ ଆଧାରରେ ବ୍ୟାଙ୍କ'ର ନିଜସ୍ୱ ବିବେଚନା ଉପରେ ନିର୍ଭର କରି ଏପିଆର୍ ପ୍ରତି 3 ମାସରେ ଆସାଇନ୍ ଓ ରିଭ୍ୟୁ କରାଯିବ । ପୂରା ପେମେଣ୍ଟ କରାନଯାଇ ଡ୍ୟୁ ଡେଟ୍ ସୁଦ୍ଧା ମିନିମମ୍ ଏମାଉଣ୍ଟ ଡ୍ୟୁ (ଏମ୍‌ଏଡି) ଭରାଯାଇଥିଲେ ବି ଟୋଟାଲ୍ ଏମାଉଣ୍ଟ ଡ୍ୟୁ (ଟିଏଡି) ଉପରେ ସୁଧ ଚାର୍ଜ କରାଯିବ । ଇଏମ୍‌ଆଇ କାର୍ଡ ପାଇଁ, 24% ର ଏପିଆର୍ ରେ ପହଞ୍ଚିବା ପାଇଁ 2% ମାସିକ ସୁଧ ହାରକୁ ବାର୍ଷିକୀକୃତ କରାଯାଇଥାଏ । ଏହା କେବଳ ଟ2,000/- ରୁ ଅଧିକର ଟ୍ରାଞ୍ଜାକ୍ସନ୍ ସକାଶେ ବୈଧ ।

4. ମିନିମମ୍ ଏମାଉଣ୍ଟ ଡ୍ୟୁ (ଏମ୍‌ଏଡି) : ବିଲ୍ କରାଯାଇଥିବା ମୂଲ୍ୟର 5% ହେଉଛି ପ୍ରତି ମାସରେ ଭରାଯିବା ରାଶି, ଯଦି ପେମେଣ୍ଟ ରେ କୌଣସି ଡିଫଲ୍ଟ ନଥାଏ । ଡିଫଲ୍ଟ ଥିବା ସ୍ଥିତିରେ, ପୂରା ଆଉଟ୍‌ଷ୍ଟାଣ୍ଡିଙ୍ଗ ରାଶି ଭରିବାକୁ ହେବ । ଇଏମ୍‌ଆଇ କାର୍ଡ କ୍ଷେତ୍ରରେ ବା କାର୍ଡ ଏକାଉଣ୍ଟରେ ଋଣ ନିଆଯାଇଥିଲେ, ଉପରୋକ୍ତ ସହିତ ଋଣ'ର ଇଏମ୍‌ଆଇ ମଧ୍ୟ ଯୋଡ଼ାଯିବ । ସେହିପରି, କାର୍ଡ ଏକାଉଣ୍ଟରେ ଓଭର୍‌ଲିମିଟ୍ ୟୁଟିଲାଇଜେଶନ୍ ହୋଇଥିଲେ, ଉପରୋକ୍ତ ରାଶି ସାଙ୍ଗକୁ ଓଭର୍‌ଲିମିଟ୍ ରାଶି'ର ସମଷ୍ଟି ହିଁ ଅନ୍ୟୂନ ଭରାଯିବା ପେମେଣ୍ଟ ହେବ । ଆପଣ ଟ5,000/- ଖର୍ଚ୍ଚ କରିଥିବେ ଏବଂ ପ୍ରତି ମାସରେ କେବଳ ଏମ୍‌ଏଡି (ଅତି କମରେ ଟ100/- ର ପେମେଣ୍ଟ) ଭରୁଥିବେ, ତେବେ ପୂରା ରାଶି ଭରିବା ପାଇଁ ଆପଣଙ୍କୁ 6 ବର୍ଷ ପର୍ଯ୍ୟନ୍ତ ସମୟ ଲାଗିପାରେ । ତେଣୁ ଆମେ ସୁପାରିଶ କରୁ ଯେ ହାତକୁ କିଛି ମୋଟା ଟଙ୍କା ଆସିଲେ, ଆପଣଙ୍କ ମିନିମମ୍ ପେମେଣ୍ଟ ଡ୍ୟୁ ଅପେକ୍ଷା ଯଥାସମ୍ଭବ ଅଧିକ ରାଶି ଭରିଦିଅନ୍ତୁ ।

● ଅଳ୍ପାବଧିର କ୍ରେଡିଟ୍ ଆବଶ୍ୟକତା / ନିତିଦିନିଆ ଖର୍ଚ୍ଚବାର୍ଚ୍ଚର ପ୍ରକାର ସକାଶେ କ୍ରେଡିଟ୍ କାର୍ଡ ହେଉଛି ଏକ କ୍ରେଡିଟ୍ ମେକାନିଜମ୍ । ଦୀର୍ଘାବଧିର ନିଧି ଆବଶ୍ୟକତା ଥିଲେ, ସେଥିପାଇଁ ଆମର ବିଭିନ୍ନ ଉତ୍ପାଦ ଅଛି । ଅଧିକ ବିବରଣୀ ପାଇଁ ଆମ ହେଲ୍‌ପଲାଇନ୍‌କୁ ଫୋନ କରନ୍ତୁ ।

5. ମାକ୍ସିମମ୍ ଇଣ୍ଟରେଷ୍ଟ-ଫ୍ରୀ ପିରିଅଡ୍ : ଏସ୍‌ସିବି କାର୍ଡ'ର ସମସ୍ତ ଗୋଲ୍ଡ ଓ ନନ୍-ଗୋଲ୍ଡ କାର୍ଡ ପାଇଁ ପେମେଣ୍ଟ ଡ୍ୟୁ ଡେଟ୍ ହେଉଛି ଷ୍ଟେଟ୍‌ମେଣ୍ଟ ଦିନାଙ୍କ ଠାରୁ 18 ଦିନ (ଅଷ୍ଟାଦଶ ଦିନଟି ରବିବାର ହୋଇଥିଲେ 17 ଦିନ) । ଫଳରେ 17 ରୁ 47 ଦିନ ପର୍ଯ୍ୟନ୍ତ ସୁଧ ମୁକ୍ତ କ୍ରେଡିଟ୍ ପିରିଅଡ୍ ମିଳିଥାଏ । କିନ୍ତୁ କ୍ୟାଶ୍ ଆଡ୍‌ଭାନ୍ସ କ୍ଷେତ୍ରରେ ଟ୍ରାଞ୍ଜାକ୍ସନ୍ ଦିନାଙ୍କ ଠାରୁ ହିଁ ସୁଧ ଚାର୍ଜ କରାଯାଇଥାଏ । ଅଗ୍ରିମ ସୂଚନା ଦେଇ ଏହି ସୁଧ-ମୁକ୍ତ ଅବଧି ବଦଳାଇବାର ଅଧିକାର ବ୍ୟାଙ୍କ ରଖୁଛି ।

6. ବିଲିଙ୍ଗ ଡିସ୍ପ୍ୟୁଟ୍‌ସ ରିଜଲ୍ୟୁଶନ୍ : ଷ୍ଟେଟ୍‌ମେଣ୍ଟ ମିଳିବାର 21 ଦିନ ଭିତରେ ବିବାଦାସ୍ପଦ ବିଲିଙ୍ଗ କଥା ବ୍ୟାଙ୍କକୁ ସୂଚିତ କରାଯିବା ଜରୁରୀ । ଗ୍ରାହକଙ୍କ ଠାରୁ ଗୋଟିଏ ଡିସ୍ପ୍ୟୁଟ୍ ଡିକ୍ଲାରେଶନ୍ ଫର୍ମ (ଡିଡିଏଫ୍) ବା ସ୍ୱାକ୍ଷରିତ ପତ୍ର, ସାଙ୍ଗକୁ ପ୍ରୟୋଜନୀୟ ଡକୁମେଣ୍ଟ, ଯଦି କିଛି ଥାଏ, ବାଧ୍ୟତାମୂଳକ । ସମାଧାନର ପ୍ରକ୍ରିୟା ପ୍ରତି କେସ୍ ଆଧାରରେ ଅଲଗା ହୋଇଥାଏ । ବିବାଦ ସ୍ୱୀକାର କରିବା ପାଇଁ ଓ ପରବର୍ତ୍ତୀ ବିଧିବିଧାନ ତୁଲାଇବା ପାଇଁ ଅଧିକ ବିବରଣୀ ଜାଣିବାକୁ ବ୍ୟାଙ୍କକାର୍ଡ'ର ହେଲ୍‌ପଲାଇନ୍ ସେଣ୍ଟର କୁ ସମ୍ପର୍କ କରନ୍ତୁ ବା ବ୍ୟାଙ୍କ'ର ୱେବ୍‌ସାଇଟ୍ www.standardchartered.co.in ଦେଖନ୍ତୁ ।

7. ଆଡ୍-ଅନ୍ କାର୍ଡ : ଗୋଟିଏ ଏକାଉଣ୍ଟରେ ଏକାଧିକ କାର୍ଡ ଜାରି କରାଯାଇଥିଲେ, ଏକାଉଣ୍ଟର ଅତିରିକ୍ତ କାର୍ଡ ଧାରକ ଓ ଜାରି କରିବା ପାଇଁ ଅଧିକୃତ କରିଥିବା ବ୍ୟକ୍ତିଗତ ଏକାଉଣ୍ଟ ଧାରକ ଉଭୟେ ଓ ବ୍ୟକ୍ତିଗତ ଭାବେ ଏସବୁ ସର୍ତ୍ତ ଓ ନିୟମାବଳୀ ଅନ୍ତର୍ଗତ

ଅନୁବନ୍ଧିତ ହେବେ ଏବଂ କାର୍ଡ/ସବୁ ର ବ୍ୟବହାର ଦ୍ୱାରା ହୋଇଥିବା ସମସ୍ତ ଚାର୍ଜ ପାଇଁ ସମଷ୍ଟିଗତ ଭାବେ ଓ ବ୍ୟକ୍ତିଗତ ଭାବେ ଦାୟୀ ହେବେ ।

8. ହଜିବା ବା ଚୋରି ହେବା କାର୍ଡ ବିଷୟରେ ତୁରନ୍ତ ସୂଚନା ଦେବା : ଭାରତ ଭିତରେ କାର୍ଡ ହଜିଥିଲେ ବା ଚୋରି ହୋଇଥିଲେ, କାର୍ଡଧାରକ ତୁରନ୍ତ ପାଖ କଷ୍ଟମର୍ ସର୍ଭିସ୍ ହେଲ୍ପଲାଇନ୍‌କୁ ସୂଚନା ଦେବେ । ବିଦେଶରେ ଭ୍ରମଣ କଲାବେଳେ କାର୍ଡ ହଜିଥିଲେ, କାର୍ଡଧାରକ ତୁରନ୍ତ ବ୍ୟାଙ୍କ'ର ହେଲ୍ପଲାଇନ୍ ବା ମାଷ୍ଟର କାର୍ଡ /ଭିସା ହେଲ୍ପଲାଇନ୍ କୁ ସୂଚନା ଦେବେ । ପୂରା ବିବରଣୀ ପାଇଁ କାର୍ଡମେମ୍ବର ରୁଲ୍ସ ଆଣ୍ଡ ରେଗୁଲେଶନ୍ସ ଦେଖିବାକୁ ଅନୁରୋଧ ।

9. ଲଷ୍ଟ୍ କାର୍ଡ ଲାଏବିଲିଟୀ : ଭାରତରେ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ବା ଭିସା/ମାଷ୍ଟରକାର୍ଡ ଗ୍ଲୋବାଲ୍ ଏମର୍ଜେନ୍ସୀ ଆସିଷ୍ଟାନ୍ସ ହେଲ୍ପଲାଇନ୍ସ କୁ ହଜିବାର ସୂଚନା ଦିଆଯିବା ପର୍ଯ୍ୟନ୍ତ କାର୍ଡ ଦ୍ୱାରା କରାଯାଇଥିବା ସମସ୍ତ ଚାର୍ଜ ପାଇଁ କାର୍ଡମେମ୍ବର ଦାୟୀ ହେବେ । ଏତଦ୍ୱାରା କାର୍ଡମେମ୍ବର ଘୋଷଣା କରୁଛନ୍ତି ଯେ କାର୍ଡ ହଜିବା, ଚୋରି ହେବା ବା କ୍ଷତିଗ୍ରସ୍ତ ହେବାର ସୂଚନା ଦିଆଯିବା ପରେ ଯଦି ପୁଣି ମିଳିଯାଏ, ତେବେ ବ୍ୟାଙ୍କକୁ ସୂଚନା ଦେଇ କାର୍ଡକୁ ନଷ୍ଟ କରି ଇନ୍‌ଭାଲିଡେଟ୍ କରିବାଟା କାର୍ଡମେମ୍ବରଙ୍କ ନିଜସ୍ୱ ଦାୟିତ୍ୱ ହେବ ।

10. ଷ୍ଟେଟ୍‌ମେଣ୍ଟ ଇସୁଆଲ୍ : ଟ100/- ରୁ ଅଧିକ ବାଲାନ୍ସ ରହୁଥିବା ଏକାଉଣ୍ଟ ସକାଶେ ପ୍ରତି ମାସରେ ଥରେ ଷ୍ଟେଟ୍‌ମେଣ୍ଟ ଜାରି କରାଯିବ । ଟ100/- ରୁ କମ ବାଲାନ୍ସ ରହୁଥିବା ଏକାଉଣ୍ଟ ସକାଶେ, କେବଳ ନୂଆ ଟ୍ରାଞ୍ଜାକ୍ସନ୍ ଏକାଉଣ୍ଟରେ ଦିଶିଲେ ହିଁ ଷ୍ଟେଟ୍‌ମେଣ୍ଟ ଜାରି କରାଯିବ । ପୁଣି, କାର୍ଡଧାରକଙ୍କ ଏକାଉଣ୍ଟରେ କ୍ରେଡିଟ୍ ବାଲାନ୍ସ ଥିଲେ ଓ ତାଙ୍କ କ୍ରେଡିଟ୍ ବାଲାନ୍ସ ଆଇଏନ୍‌ଆର 250 ରୁ ଅଧିକ ହେଉଥିଲେ, ତାଙ୍କୁ ଷ୍ଟେଟ୍‌ମେଣ୍ଟ ଜାରି କରାଯିବ ।

11. କାର୍ଡ ରୁଲ୍ସ ଆଣ୍ଡ ରେଗୁଲେଶନ୍ସ ରେ ପରିବର୍ତ୍ତନ : କାର୍ଡ ରୁଲ୍ସ ଆଣ୍ଡ ରେଗୁଲେଶନ୍ସ'ର ଧାରା 18 (ବି) ଏହିରୂପେ ପରିବର୍ତ୍ତନ କରାଯାଇଛି : ''18 (ବି) : କାର୍ଡମେମ୍ବରଙ୍କୁ ବ୍ୟାଙ୍କ ଦ୍ୱାରା ପଠାଯିବା କାର୍ଡ ବିଲିଙ୍ଗ ଷ୍ଟେଟ୍‌ମେଣ୍ଟ ସମେତ ସମସ୍ତ ଡକୁମେଣ୍ଟ/ପତ୍ରାଳାପ କାର୍ଡମେମ୍ବର ଦ୍ୱାରା ବ୍ୟାଙ୍କରେ ପଞ୍ଜିକୃତ କରାଯାଇଥିବା ଭାରତ ସ୍ଥିତ ଶେଷ ଠିକଣାରେ ବ୍ୟକ୍ତିଗତ କୁରିଅର ବା ସାଧାରଣ ଡାକରେ ପଠାଯାଇଥିଲେ, ବା ଷ୍ଟେଟ୍‌ମେଣ୍ଟର ପଛପଟେ ମୁଦ୍ରିତ କରାଯାଇ ବତାଯାଇଥିଲେ ଏବଂ ଷ୍ଟେଟ୍‌ମେଣ୍ଟ ବା ନୋଟିସ ଡାକରେ ପଠାଯିବାର ବା କୁରିଅର ଏଜେନ୍ସୀକୁ ଦିଆଯିବାର 4ର୍ଥ ଦିନ ଅନ୍ତେ ଏଭଳି ସେବା ପ୍ରଭାବୀ ହୋଇଛି ଏବଂ ଗ୍ରାହକଙ୍କୁ ମିଳିଯାଇଛି ବୋଲି ଧରାଯିବ । କାର୍ଡମେମ୍ବର ଭାରତ ବାହାର ଠିକଣା ପଞ୍ଜିକୃତ କରାଇଥିବା ସ୍ଥିତିରେ, କାର୍ଡମେମ୍ବର ସମ୍ମତି ଦେଉଛନ୍ତି ଯେ ବ୍ୟାଙ୍କ ତାଙ୍କ ପାଖକୁ କୌଣସି କାର୍ଡ ଷ୍ଟେଟ୍‌ମେଣ୍ଟ ପଠାଇବାକୁ ବାଧ୍ୟ ନୁହେଁ ଏବଂ ତାଙ୍କ କାର୍ଡ ଉପରେ କେତେ ରାଶି ଭରିବାକୁ ଅଛି, ତାହା ବ୍ୟାଙ୍କ ଠାରୁ ପଚାରି ବୁଝିବା ଏବଂ ଡ୍ୟୁ ଡେଟ୍ ଆଗରୁ ତାହା ଭରିବା କାର୍ଡମେମ୍ବରଙ୍କ ଦାୟିତ୍ୱ ।'' ଷ୍ଟେଟ୍‌ମେଣ୍ଟ ଇମେଲ୍ ଦ୍ୱାରା ମଧ୍ୟ ପଠାଯାଇପାରେ (ଯଦି କାର୍ଡମେମ୍ବର ଇ-ଷ୍ଟେଟ୍‌ମେଣ୍ଟ ପାଇଁ ପଞ୍ଜିକୃତ ହୋଇଥିବେ) ।

12. ଟର୍ମିନେଶନ୍ : ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ବା ବ୍ୟାଙ୍କକୁ ଫୋନରେ ବା ଲିଖିତ ଆକାରରେ ଜଣାଇକରି ଏକାଉଣ୍ଟ ଧାରକ କେବେବି କାର୍ଡ ଏକାଉଣ୍ଟ ବନ୍ଦ କରିଦେଇ ପାରିବେ । କାର୍ଡ ପାଇଁ ଦେୟ ହେଉଥିବା ସମସ୍ତ ଚାର୍ଜ ଭରିକରି କାର୍ଡ ନଷ୍ଟ କରିବା ଓ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର କିମ୍ବା ବ୍ୟାଙ୍କକୁ ଖବର ଦେବା ପରେ ହିଁ ଏଭଳି ସୂଚନା ପ୍ରଭାବୀ ହେବ । ୟ

13. କ୍ରେଡିଟ୍ ଲିମିଟ୍ : ବ୍ୟାଙ୍କ'ର ବିବେଚନା ଅନୁସାରେ କ୍ରେଡିଟ୍ ଲିମିଟ୍ ଧାର୍ଯ୍ୟ ହେବ । ଟୋଟାଲ୍ କ୍ରେଡିଟ୍ ଲିମିଟ୍‌ରୁ ବ୍ୟବହୃତ ଲିମିଟ୍ ବିଯୋଗ କରି ଉପଲବ୍ଧ କ୍ରେଡିଟ୍ ଲିମିଟ୍ ହିସାବ କରାଯାଏ । କାର୍ଡ'ର କ୍ରେଡିଟ୍ ଲିମିଟ୍ ଭିତରେ କାର୍ଡମେମ୍ବର କୌଣସି ଋଣ ନେଇଥିଲେ, ଉପଲବ୍ଧ କ୍ରେଡିଟ୍ ଲିମିଟ୍ ହିସାବ କରିବା ପାଇଁ ଟୋଟାଲ୍ କ୍ରେଡିଟ୍ ଲିମିଟ୍‌ରୁ ବକେୟା ଋଣ ରାଶି ମଧ୍ୟ ବିଯୋଗ କରାଯିବ । ବ୍ୟାଙ୍କ ନିଜସ୍ୱ ବିବେଚନା ଅନୁସାରେ, କେତେକ ସର୍ତ୍ତ ଆଧାରରେ ଆପଣଙ୍କ କ୍ରେଡିଟ୍ ଲିମିଟ୍ କମ କରିବାର ଅଧିକାର ରଖୁଛି । ସେସବୁ ସର୍ତ୍ତ ଭିତରୁ କେତୋଟି ହେଲା : କ୍ୟାଶ୍ ୟୁଟିଲାଇଜେଶନ୍, କାର୍ଡ ସେଟ୍-ଅପ୍ ହେବାର 90 ଦିନ ଭିତରେ ଜ୍ୱେଲରୀ କିଣାଯିବା, ଅନିୟମିତ ପରିଶୋଧ ବିଧି ତଥା ଲିମିଟ୍'ର ଅତିରିକ୍ତ ଉପଯୋଗ । କ୍ରେଡିଟ୍ ଲିମିଟ୍ ହ୍ରାସ କରାଗଲେ ବ୍ୟାଙ୍କ

ତାହା ସୂଚିତ କରାଇବ ।

14. କ୍ୟାଶ୍ ଆଡ୍‌ଭାନ୍ସ ଲିମିଟ୍ : କ୍ୟାଶ୍ ଆଡ୍‌ଭାନ୍ସ ଲିମିଟ୍, କ୍ରେଡିଟ୍ ଲିମିଟ୍'ର କୌଣସି ଧାର୍ଯ୍ୟ ପ୍ରତିଶତ ନୁହେଁ, କିନ୍ତୁ ଏହା ମାସିକ ଭିତ୍ତିରେ ମୂଲ୍ୟାଙ୍କିତ ଓ ରିସେଟ୍ କରାଯାଏ । ଅଧିକ ବିବରଣୀ ଓ ସେ ସମ୍ପର୍କୀୟ ଚାର୍ଜ ଜାଣିବା ପାଇଁ, କାର୍ଡ ସର୍ଭିସ୍ ହେଲ୍‌ପଲାଇନ୍ କୁ ସମ୍ପର୍କ କରିବାକୁ ଅନୁରୋଧ ।

15. ଇନ୍‌ଫର୍ମେଶନ୍ ଶେୟାରିଙ୍ଗ : କାର୍ଡହୋଲ୍‌ଡର୍ ଏଗ୍ରୀମେଣ୍ଟ'ର ସର୍ତ୍ତ ଓ ନିୟମାବଳୀ ଅନୁସାରେ, ଭାରତସ୍ଥିତ ବା ବିଦେଶସ୍ଥିତ ନିଜ ଗ୍ରୁପ୍ କମ୍ପାନୀଗଣ ବା ଭେଣ୍ଡର୍‌ଗଣଙ୍କ ସହିତ କାର୍ଡ ମେମ୍ବରଙ୍କ ଏକାଉଣ୍ଟ ବିଷୟକ ସମସ୍ତ ବିବରଣ ବାଣ୍ଟିବାର ଅଧିକାର ଷ୍ଟାଣ୍ଡାର୍ଡ ଚାର୍ଟର୍‌ଡ ବ୍ୟାଙ୍କ ରଖୁଛି । ନିଜସ୍ୱ ବିବେଚନା ଅନୁସାରେ ଯଥା ଆବଶ୍ୟକ ଆପଣଙ୍କ ବିବରଣୀ, କାର୍ଡମେମ୍ବର ବିଷୟକ ବିବରଣୀ, ପାଇଥିବା/ପାଇବାକୁ ଥିବା କ୍ରେଡିଟ୍ ସୁବିଧା, ସେ ସମ୍ପର୍କରେ କାର୍ଡଧାରକ ନେଇଥିବା/ନେବାକୁ ଥିବା ଓବ୍ଲିଗେଶନ୍ସ, ଓ ଏଭଳି ଓବ୍ଲିଗେଶନ୍ସ ତୁଲାଇବାରେ କାର୍ଡଧାରକ କୃତ ଡିଫଲ୍‌ଟ, ଯଦି କିଛି ଥାଏ, କ୍ରେଡିଟ୍ ଇନ୍‌ଫର୍ମେଶନ୍ ବ୍ୟୁରୋ (ଇଣ୍ଡିଆ) ଲି. (ସିବିଲ୍) ବା ଅନ୍ୟ ଯେକୌଣସି ଏଜେନ୍‌ସୀକୁ ବତାଇବାର ଅଧିକାର ବ୍ୟାଙ୍କ ରଖୁଛି । ପୁଣି, କ୍ରେଡିଟ୍ ଇନଫର୍ମେଶନ୍ କମ୍ପାନୀଜ୍ (ରେଗୁଲେଶନ୍) ଆକ୍ଟ 2005, ଅନୁସାରେ କାର୍ଡମେମ୍ବରଙ୍କୁ ନ ପଚାରି, ଆଇନ ଅନ୍ତର୍ଗତ କେହି ଅଧିକାରୀଙ୍କ ଠାରୁ କୌଣସି ବିବରଣୀ ସକାଶେ ଆସିବା ଅନୁରୋଧ ବା ଆଦେଶ ପାଳନ କରିବାକୁ ବ୍ୟାଙ୍କ ଅଧିକୃତ ଅଟେ । ସେବା/ନିର୍ଦ୍ଦିଷ୍ଟ ସେବା ଯୋଗାଇବା ସକାଶେ ଓ ସମୟରେ ଆବଶ୍ୟକ ହେବା ସ୍ଥଳେ ସ୍ପେଶାଲାଇଜ୍‌ଡ ଓ ଅନ୍ୟ ସର୍ଭିସ୍ ଯୋଗାଣକାରୀ/ଏଜେଣ୍ଟଙ୍କୁ ନିଯୁକ୍ତ କରିବାର ଅଧିକାର ବ୍ୟାଙ୍କ ରଖୁଛି । ଏଭଳି ସର୍ଭିସ୍ ଯୋଗାଣକାରୀ/ଏଜେଣ୍ଟଙ୍କୁ ଆପଣଙ୍କ ଏକାଉଣ୍ଟ ସମ୍ପର୍କୀୟ କୌଣସି ବିବରଣୀ ବ୍ୟାଙ୍କ ଯୋଗାଇପାରେ ବୋଲି ଏହାକୁ ଆପଣଙ୍କ ସମ୍ମତି ଓ ଚୁକ୍ତି ରୂପେ ଗ୍ରହଣ କରାଯାଉଛି ।

16. ଡିଫଲ୍‌ଟ ଓ ସ୍ଥିତି ବିଷୟକ ବିବରଣୀ

ଅ. ମିନିମମ୍ ଏମାଉଣ୍ଟ ଡ୍ୟୁ 150 ଦିନ ପର୍ଯ୍ୟନ୍ତ ଦିଆ ନଗଲେ କାର୍ଡଧାରକଙ୍କୁ ଡିଫଲ୍ଟର୍ ସୂଚୀରେ ରଖାଯିବ । ଜାଣିରଖନ୍ତୁ ଯେ, ପ୍ରତି ମାସରେ ପେମେଣ୍ଟ ବିବରଣୀ କ୍ରେଡିଟ୍ ଇନଫର୍ମେଶନ୍ ବ୍ୟୁରୋ (ଇଣ୍ଡିଆ) ଲି. (ସିବିଲ୍) ସହିତ ବଣ୍ଟାଯାଇଥାଏ, ତେଣୁ ଗୋଟିଏ ମାସ ପେମେଣ୍ଟ ଦିଆନଗଲେ ସେହି ବିବରଣୀ ସିବିଲ୍ କୁ ଦିଆଯିବା ବିବରଣୀରେ ଦିଶିବ । 150 ଦିନ ପାଇଁ ମିନିମମ୍ ଏମାଉଣ୍ଟ ଡ୍ୟୁ ଭରା ନଗଲେ, ସତ୍ୟମ୍ ଦ୍ୱାରା ମେନ୍‌ଟେନ୍ କରାଯାଉଥିବା ଡିଫଲ୍ଟର୍ ଡେଟାବେସ୍ କୁ କାର୍ଡଧାରକଙ୍କ ଡିଫଲ୍ଟ ଡେଟା ବତାଯିବ ।

ଆ. ଦେୟ ରାଶି ଭରାଯିବା ପରେ ଡିଫଲ୍ଟର୍ ସୂଚୀରୁ କଢ଼ାଯିବା : ପୂରା ବକେୟା ରାଶି ଭରିବା ଓ ଅନୁରୋଧ କରିବା ଉପରେ ନିର୍ଭର କରି ଏକ ମାସ ଭିତରେ ବ୍ୟାଙ୍କ ଡିଫଲ୍ଟର୍ ସୂଚୀ/ଡେଟାବେସ୍ ରୁ ନାମ କାଢ଼ିନେବ । ହେଲେ, ସିବିଲ୍ କୁ ଦିଆଯାଇଥିବା ଗ୍ରାହକଙ୍କ କ୍ରେଡିଟ୍/ପେମେଣ୍ଟ ଇତିହାସରେ ତାହା ରହିବ ଓ ବ୍ୟାଙ୍କ ଦ୍ୱାରା କଢ଼ାଯାଇ ପାରିବ ନାହିଁ ।

ଇ. ଡିଫଲ୍ଟ କ୍ଷେତ୍ରରେ ରିକଭରୀ ବିଧି : ନିରନ୍ତର ପତ୍ର ଦ୍ୱାରା ରିମାଇଣ୍ଡର, ଟେଲି କଲିଙ୍ଗ୍ ଏସ୍‌ଏମ୍‌ଏସ୍, ଇମେଲ୍ ଓ ଅନ୍ୟାନ୍ୟ କମ୍ୟୁନିକେଶନ୍ ମିଡିଅମ୍ ଓ ଆବଶ୍ୟକ ସ୍ଥଳେ ବ୍ୟକ୍ତିଗତ ସାକ୍ଷାତ ।

ଈ. କାର୍ଡଧାରକଙ୍କ ମୃତ୍ୟୁ / ସ୍ଥାୟୀ ପଙ୍ଗୁତ୍ୱ ହେବା ସ୍ଥିତିରେ ପ୍ରାପ୍ୟ ରାଶି ଫେରି ପାଇବା : କାର୍ଡଧାରକଙ୍କ ମୃତ୍ୟୁ ପୁଷ୍ଟି ହେବା ପରେ, ଖାତାରୁ ତାଙ୍କ ଏକାଉଣ୍ଟ କାଢ଼ିଦିଆଯାଏ ଏବଂ କାର୍ଡ ଉପରେ ଥିବା ବକେୟା ରାଶି ଖରାପ ଋଣ ରୂପେ କାଟି ଦିଆଯାଏ । ମୃତକ କାର୍ଡଧାରକଙ୍କ ଉତ୍ତରାଧିକାରୀ(ଗଣ) ଚାହିଁଲେ, ବ୍ୟାଙ୍କ ପ୍ରାପ୍ୟ ରାଶି ପାଇଁ ତାଙ୍କ ସହିତ ବୁଝାମଣା କରିପାରେ । କାର୍ଡଧାରକ ସ୍ଥାୟୀ ପଙ୍ଗୁତ୍ୱ ଭୋଗିଲେ, ଷ୍ଟାଣ୍ଡାର୍ଡ କାର୍ଡମେମ୍ବର ରୁଲ୍‌ସ ଆଣ୍ଡ ରେଗୁଲେଶନ୍ସ ଲାଗୁ ହେବ ।

17. ଗ୍ରୀଭାନ୍ସ ଏସ୍କାଲେଶନ୍ : ଆପଣଙ୍କୁ ମିଳିବା ଉତ୍ତରରେ ସନ୍ତୁଷ୍ଟ ନହେଲେ, ଆପଣ ଏଠାକୁ ସମ୍ପର୍କ କରନ୍ତୁ : ସିଡିକେ ସାଇ ନାରାୟଣ, ହେଡ୍ ସର୍ଭିସ୍, ଷ୍ଟାଣ୍ଡାର୍ଡ ଚାର୍ଟର୍‌ଡ ବ୍ୟାଙ୍କ, କଷ୍ଟମର୍ କେଆର୍ ୟୁନିଟ, 19, ରାଜାଜୀ ସଲାଇ, ଚେନ୍ନୈ 600 001 ।
ଫୋନ : + 91 99002 60046 ବା ଇମେଲ୍ :head.service@in.standardchartered.com

18. ମୁଁ ଏତଦ୍ୱାରା ସମ୍ମତି ଦେଉଛି ଯେ, ସମୟ ସମୟରେ ବ୍ୟାଙ୍କକୁ ଆବଶ୍ୟକ ହେବା ସେ ସମସ୍ତ ଡକୁମେଣ୍ଟ ଯୋଗାଇବି ଯାହା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ବ୍ୟାଙ୍କ ଦ୍ୱାରା ନୋ ୟୋର୍ କଷ୍ଟମର୍ (କେୱାଇସି) ପ୍ରୟୋଜନ ଅନ୍ତର୍ଗତ ଆବଶ୍ୟକ ହେବ । ଆପଣଙ୍କ ଦ୍ୱାରା ବ୍ୟାଙ୍କକୁ ଏଭଳି ଆବଶ୍ୟକ ହେବା ଡକୁମେଣ୍ଟ ଦିଆ ନଯିବା ସ୍ଥିତିରେ ସୁବିଧା ଫେରାଇ ନେବାର, ସିକ୍ୟୋରିଟୀ ଓ ଗ୍ୟାରଣ୍ଟୀ ଲାଗୁ କରିବାର, ଯଦି କିଛି ଥାଏ, ଏବଂ ବକେୟା ପାଉଣା ସକାଶେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ତଥା ଆପଣଙ୍କ ଠାରୁ ବାଲାନ୍ସ ରିକଭର୍ କରିବାର ଅଧିକାର ବ୍ୟାଙ୍କ ରଖୁଛି ।

19. ଏଠାରେ ଦିଆଯାଇଥିବା ତଥ୍ୟାବଳୀକୁ ଦୁର୍ଲକ୍ଷ୍ୟ ନକରି, ଉପଲବ୍ଧ ସୁବିଧା କେବଳ ବ୍ୟାଙ୍କ'ର ବିବେଚନା ଅନୁସାରେ ଦିଆଯାଇଥାଏ ଏବଂ ତେଣୁକରି, ବ୍ୟାଙ୍କ ଦ୍ୱାରା କେବେବି କ୍ୟାନ୍ସଲ୍ କରାଯାଇପାରେ ଓ/ବା ଦାବି କରାଗଲେ ସହଳ ଭରିବାକୁ ହେବ, ସେଭଳି ସ୍ଥିତିରେ ଗ୍ରାହକଙ୍କୁ ଉକ୍ତ ରାଶି ତୁରନ୍ତ ବ୍ୟାଙ୍କରେ ପଇଠ କରିବାକୁ ହେବ ।

20. କାର୍ଡମେମ୍ବର ରୁଲ୍ସ ଆଣ୍ଡ ରେଗୁଲେଶନ୍ସ 10ଟି ଆଞ୍ଚଳିକ ଭାଷା ଭିତରୁ ପସନ୍ଦର ଭାଷାରେ ପଢ଼ିବା ପାଇଁ http://www.standardchartered.com/in/cb/creditcard/card_main.html କୁ ଆକ୍ସେସ୍ କରିପାରନ୍ତି ।

ଜୁନ 2006 ଠାରୁ ପ୍ରଭାବୀ ଚାର୍ଜସବୁ :

● ଲେଟ୍ ଫୀ ଚାର୍ଜ : ଦୁଇ ବା ଅଧିକ କ୍ରମାଗତ ମାସ ପାଇଁ ମିନିମମ୍ ଏମାଉଣ୍ଟ ଡ୍ୟୁ ନ ମିଳିଲେ ଲେଟ୍ ଚାର୍ଜ ଉପରାନ୍ତେ ଟ100/- ଲେଟ୍ ଫୀ ମଧ୍ୟ ଡେବିଟ୍ କରାଯିବ ।

● ସର୍‌ଚାର୍ଜ : ରେଲ୍‌ୱେ ଟ୍ରାଞ୍ଜାକ୍ସନ୍ ପାଇଁ ଟ25/- ବା ଟ୍ରାଞ୍ଜାକ୍ସନ୍'ର 2.5% (ଯେଉଁଟି ଅଧିକ ହେଉଥିବ) । ପେଟ୍ରୋଲ ଟ୍ରାଞ୍ଜାକ୍ସନ୍ ପାଇଁ ଟ10/- ବା ଟ୍ରାଞ୍ଜାକ୍ସନ୍'ର 2.5% (ଯେଉଁଟି ଅଧିକ ହେଉଥିବ) ।

● ଓଭର୍‌ଲିମିଟ୍ ଚାର୍ଜ : ଓଭର୍‌ଲିମିଟ୍ ଚାର୍ଜ ପ୍ରତି ସ୍ଥିତି ପାଇଁ ଟ500/- ।

● ଡୁପ୍ଲିକେଟ୍ ଷ୍ଟେଟ୍‌ମେଣ୍ଟ ଫୀ : ଷ୍ଟେଟ୍‌ମେଣ୍ଟ ପିଛା ଟ25/- (ଯଦି ତାହା 3 ମାସରୁ ଅଧିକ ପୁରୁଣା ଥିବ)

● କାର୍ଡ ରିପ୍ଲେସ୍‌ମେଣ୍ଟ ଫୀ : ରିପ୍ଲେସ୍‌ମେଣ୍ଟ ପିଛା ଟ100/- ।

● ପିନ୍ ରିପ୍ଲେସ୍‌ମେଣ୍ଟ : ରିପ୍ଲେସ୍‌ମେଣ୍ଟ ପିଛା ଟ100/- ।

● ଆଉଟ୍‌ଷ୍ଟେସନ୍ ଟେଲିଡ୍ରାଫ୍ଟ ଚାର୍ଜ : ପ୍ରତି ସ୍ଥିତିରେ ଟ100/- ।

● ଟେଲିଡ୍ରାଫ୍ଟ କ୍ୟାନ୍‌ସଲେଶନ୍ ଚାଜ : ପ୍ରତି ସ୍ଥିତିରେ ଟ50/-

● ରିଟର୍ନ ଚେକ୍ ଫୀ : ପ୍ରତି ସ୍ଥିତିରେ ଟ300/- ।

● ଫରେନ୍ କରେନ୍ସୀ ଟ୍ରାଞ୍ଜାକ୍ସନ୍ : ସମସ୍ତ ନନ୍-ଇଣ୍ଡିଆନ୍ ରୁପୀଜ୍ ଟ୍ରାଞ୍ଜାକ୍ସନ୍ ଫ୍ରାଞ୍ଚାଇଜୀ (ଭିସା/ମାଷ୍ଟର) ଦ୍ୱାରା ସୁପାରିଶ କରାଯିବା ଦରରେ ଭାରତୀୟ ଟଙ୍କାକୁ ପରିବର୍ତ୍ତନ କରାଯାଇଥାଏ । ଟ୍ରାଞ୍ଜାକ୍ସନ୍ ପାଇଁ ବ୍ୟାଙ୍କ ଅତିରିକ୍ତ 2.5% ଚାର୍ଜ କରେ ଏବଂ ଫ୍ରାଞ୍ଚାଇଜୀଙ୍କୁ ରିଇମ୍ବର୍ସ କରିବା ପାଇଁ ଅତିରିକ୍ତ 1% ଚାର୍ଜ କରାଯାଇଥାଏ ।

● ବ୍ରାଞ୍ଚ ଟ୍ରାଞ୍ଜାକ୍ସନ୍ ଫୀ : ଏସସିବି ଶାଖାରେ ଟେଲର୍ ଫାସିଲିଟୀ ବ୍ୟବହାର କରି ପେମେଣ୍ଟ କରାଗଲେ ଟ୨୨/- ପ୍ରତ୍ୟେକ ଥର ପାଇଁ ଚାର୍ଜ କରାଯିବ ।

● ସର୍ଭିସ୍ ଟ୍ୟାକ୍ସ : ସର୍ଭିସ୍ ଚାର୍ଜ ଉପରେ 12.36% ସର୍ଭିସ୍ ଟ୍ୟାକ୍ସ ଲାଗିଥାଏ । ''କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ, ଚାର୍ଜ କାର୍ଡ ବା ଅଦର୍ ପେମେଣ୍ଟ କାର୍ଡ ସର୍ଭିସେସ୍'' ଅନ୍ତର୍ଗତ ସର୍ଭିସ୍ ଟ୍ୟାକ୍ସ ରେଜିଷ୍ଟ୍ରେଶନ୍ ନଂ. ST/Mumbai/CDCOS/Dn 1/13/2006 । ନିବନ୍ଧିତ କାର୍ଯ୍ୟାଳୟ : ଷ୍ଟାଣ୍ଡାର୍ଡ ଚାର୍ଟର୍‌ଡ ବ୍ୟାଙ୍କ, 23-25, ଏମ୍. ଜି. ରୋଡ, ଫୋର୍ଟ,

ମୁମ୍ବଇ – 400 001 । ଛାଡ଼ କରାଯାଇଥିବା ବା ରିଭର୍ସ କରାଯାଇଥିବା ଚାର୍ଜ ସକାଶେ CENVAT ଅନ୍ତର୍ଗତ ଗ୍ରାହକ କୌଣସି ସର୍ଭିସ୍ ଟ୍ୟାକ୍ସ କ୍ରେଡିଟ୍ ଦାବି କରିପାରିବେ ନାହିଁ ।

18 ଜୁନ 2007 ଠାରୁ ପ୍ରଭାବୀ ଚାର୍ଜ :

● ଲେଟ୍ ପେମେଣ୍ଟ ଚାର୍ଜ : ● ଟ10,000/– ରୁ କମ ଆଉଟ୍‌ଷ୍ଟାଣ୍ଡିଙ୍ଗ'ର ଷ୍ଟେଟ୍‌ମେଣ୍ଟ ପାଇଁ ଟ350/– ● ଟ10,000/– ରୁ ଟ20,000/– ପର୍ଯ୍ୟନ୍ତର ଆଉଟ୍‌ଷ୍ଟାଣ୍ଡିଙ୍ଗ'ର ଷ୍ଟେଟ୍‌ମେଣ୍ଟ ପାଇଁ ଟ500/– ● ଟ20,000/– ରୁ ଅଧିକ ଆଉଟ୍‌ଷ୍ଟାଣ୍ଡିଙ୍ଗ'ର ଷ୍ଟେଟ୍‌ମେଣ୍ଟ ପାଇଁ ଟ600/–

ଉଦାହରଣ : ଆପଣଙ୍କ କ୍ରେଡିଟ୍ କାର୍ଡ ଏକାଉଣ୍ଟରେ ଟ7,000/– ଓ ବାଲାନ୍ସ ଟ୍ରାନ୍ସଫର୍ ଏକାଉଣ୍ଟରେ ଟ15,000/– ର ଆଉଟ୍‌ଷ୍ଟାଣ୍ଡିଙ୍ଗ ଥିବ ଏବଂ ପେମେଣ୍ଟ ଡ୍ୟୁ ଡେଟ୍‌ରେ ପେମେଣ୍ଟ ଭରାଯାଇ ନାହିଁ । ସେଭଳି ସ୍ଥିତିରେ ଆପଣଙ୍କ କ୍ରେଡିଟ୍ କାର୍ଡ ଏକାଉଣ୍ଟ ଉପରେ ଟ350/– ଏବଂ ବାଲାନ୍ସ ଟ୍ରାନ୍ସ୍‌ଫର୍ ଏକାଉଣ୍ଟ ଉପରେ ଟ500/– ଲେଟ୍ ପେମେଣ୍ଟ ଚାର୍ଜ କରାଯିବ । ଉପରୋକ୍ତ ଉଦାହରଣଟି କେବଳ ନିଦର୍ଶକ ରୂପେ ଦିଆଯାଇଛି । ପେମେଣ୍ଟ ଡ୍ୟୁ ଡେଟ୍ ସୁଦ୍ଧା ପେମେଣ୍ଟ କରାନଯିବା ସ୍ଥିତିରେ ସମସ୍ତ କାର୍ଡ ଓ ସମସ୍ତ ଇନ୍‌ଷ୍ଟଲ୍‌ମେଣ୍ଟ ପ୍ରଡକ୍ଟ – ଯେପରିକି, ଇନ୍‌ଷ୍ଟାବାଇ, ବାଲାନ୍ସ ଟ୍ରାନ୍ସଫର୍, ଡାଏଲ୍–ଏ–ଲୋନ୍ ଇତ୍ୟାଦି ଉପରେ ଲେଟ୍ ପେମେଣ୍ଟ ଚାର୍ଜ କରାଯିବ ।

● କ୍ୟାଶ୍ ଆଡ୍‌ଭାନ୍ସ ଫୀ : ଏଟିଏମ୍ ୱିଥ୍‌ଡ୍ରୟାଲ୍ : କ୍ୟାଶ୍ ୱିଥ୍‌ଡ୍ରୟାଲ୍ ରାଶି'ର 3%, ଯାହା ଅତି କମରେ ଟ300/– ହେବ । ● ଆମ ଶାଖାରେ ଟେଲର୍ ଫାସିଲିଟୀ ବ୍ୟବହାର କରି ଟଙ୍କା କାଢ଼ିଲେ ଟ500/– ର ଅତିରିକ୍ତ ଫୀ ଲାଗୁହେବ ।

15 ସେପ୍ଟେମ୍ବର 2007 ଠାରୁ ପ୍ରଭାବୀ ଚାର୍ଜ :

● ନନ୍–ୟୁସେଜ୍ ଫୀ : ବିଗତ 12 ମାସରେ କୌଣସି ରିଟେଲ୍ ବା କ୍ୟାଶ୍ ଟ୍ରାଞ୍ଜାକ୍ସନ୍ ସକାଶେ କାର୍ଡ ବ୍ୟବହାର ହୋଇ ନଥିଲେ ଟ250/– ଚାର୍ଜ କରାଯିବ ।

ସୂଚନା : ଆପଣଙ୍କ ଚେକ୍ / ଡ୍ରାଫ୍ଟ ସବୁ ଦୃଷ୍ଟିରୁ ପୂରଣ ହୋଇଥିବା ଉଚିତ ଏବଂ କୌଣସି ପରିବର୍ତ୍ତନ କରାଯାଇଥିଲେ ସେଠାରେ ଉପଯୁକ୍ତ ଦସ୍ତଖତ କରାଯାଇଥିବ । ଆପଣଙ୍କ ପେମେଣ୍ଟ, ଡ୍ୟୁ ଡେଟ୍'ର ଅତି କମରେ 3 ଦିନ ଆଗରୁ ଚେକ୍ କଲେକ୍ସନ୍ ବକ୍ସରେ ପଇଠ କରାଯିବା ଉଚିତ । ଅବଶ୍ୟ, ବାସ୍ତବିକ ପେମେଣ୍ଟ ଡ୍ୟୁ ଡେଟ୍ ଚେକ୍ ଉପରେ ଥିଲେ ଚଳିବ । ନର୍ମାଲ୍ ବ୍ୟାଙ୍କିଙ୍ଗ କାର୍ଯ୍ୟକାଳରେ ବ୍ୟାଙ୍କ ଶାଖାରେ ନଗଦ ଜମା କରାଯାଇପାରିବ । ଚେକ୍ କଲେକ୍ସନ୍ ବକ୍ସରେ ନଗଦ ଜମା କରିବେ ନାହିଁ ।